# କର୍କଟ କେନ୍ଦ୍ରରେ ୬ ନୂଆ ପଜିଟିଭ୍

କଟକ,୨୯।୬/ଏନ୍‌ଏନ୍‌ଏସ୍ :

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ କରୋନା ଜନିତ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ସମ୍ପ୍ରତି ଡାକ୍ତର, କର୍ମଚାରୀ ଓ ରୋଗୀ ସମ୍ପର୍କୀୟମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। କର୍କଟ କେନ୍ଦ୍ରରୁ ପୂର୍ବରୁ ୨ ସ୍ୱାସ୍ଥ୍ୟକର୍ମୀ ଓ ଜଣେ ରୋଗୀ କରୋନା ଆକ୍ରାନ୍ତ ହେବା ଜଣାପଡ଼ିଥିବାବେଳେ ଆଜି ଆଉ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଅନ୍ୟପକ୍ଷରେ ଏସସିବି ମେଡିକାଲର ନ୍ୟୁରୋଲୋଜି ୱାର୍ଡ଼ରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ନମୁନାରୁ କରୋନା ପଜିଟିଭ ରିପୋର୍ଟ ଆସିଥିବାର ସୂଚନା ମିଳିଛି। କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ପୂର୍ବରୁ ▶▶ ୬